# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3rd September – 2025

**********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଜାରି ରହିଛି ଦ୍ରବ୍ୟ ଓ ସେବାକର- ଜିଏସ୍‌ଟି ପରିଷଦର ୫୬ତମ ବୈଠକ

- ବିଭିନ୍ନ ଅପରାଧରେ ସଂଶ୍ଳିଷ୍ଟ ବିଦେଶୀ ନଗରିକଙ୍କୁ ଭାରତରୁ ପଳାୟନ ରୋକିବା ପାଇଁ ଉପଯୁକ୍ତ ନୀତି ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

- ପୁରୀ ଶ୍ରୀମନ୍ଦିର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ

ଏବଂ

- ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ସ୍ପଷ୍ଟ କଲେ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ

# ଜିଏସ୍‌ଟି ବୈଠକ

ନୂଆଦିଲ୍ଲୀରେ ଦ୍ରବ୍ୟ ଓ ସେବାକର– ଜିଏସ୍‌ଟି ପରିଷଦର ୫୬ତମ ବୈଠକ ଜାରି ରହିଛି। ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଏହି ଦୁଇଦିନିଆ ବୈଠକରେ ଜିଏସ୍‌ଟି ସଂସ୍କାର ଉପରେ ବିସ୍ତୃତ ଆଲୋଚନା ହେବାର ଆଶା କରାଯାଉଛି। ଟିକସ ହାରରେ ଆବଶ୍ୟକ ପରିବର୍ତ୍ତନ ଏବଂ ଜିଏସ୍‌ଟି ତଥ୍ୟ ପ୍ରଦାନ ସରଳୀକରଣ ନେଇ ବୈଠକରେ ମତବିନିମୟ ହେବ। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କ ସହିତ ଓଡ଼ିଶା, ଦିଲ୍ଲୀ, ଗୋଆ, ହରିୟାଣା, ଜାମ୍ମୁ-କାଶ୍ମୀର ଏବଂ ମେଘାଳୟର ମୁଖ୍ୟମନ୍ତ୍ରୀ ବୈଠକରେ ଯୋଗ ଦେଇଛନ୍ତି। ଅନ୍ୟ କେତେକ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ଉପମୁଖ୍ୟମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀମାନେ ବୈଠକରେ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ସ୍ୱାଧୀନତା ଦିବସ ଅଭିଭାଷଣରେ ଦ୍ରବ୍ୟ ଓ ସେବାକର ଜିଏସ୍‌ଟିର ସଫଳତା ଉପରେ ଆଲୋକପାତ କରିବା ସହ ପରବର୍ତ୍ତୀ ପିଢ଼ିର ସଂସ୍କାର ଉପରେ ଗୁରୁତ୍ୱ ଦେଇଥିଲେ। ଆତ୍ମନିର୍ଭର ଭାରତ ଗଠନ ପାଇଁ ଗତ ମାସରେ ଅନୁଷ୍ଠିତ କେନ୍ଦ୍ର ମନ୍ତ୍ରିସ୍ତରୀୟ ଗୋଷ୍ଠୀ ବୈଠକରେ ଜିଏସ୍‌ଟି ସଂସ୍କାର ନେଇ କେତେକ ପ୍ରସ୍ତାବ ପ୍ରଦାନ କରାଯାଇଥିଲା।

# ସୁପ୍ରିମକୋର୍ଟ- ବିଦେଶୀ ଅଭିଯୁକ୍ତ

ଭାରତରେ ବିଭିନ୍ନ ଅପରାଧରେ ସଂଶ୍ଳିଷ୍ଟ ବିଦେଶୀ ନାଗରିକଙ୍କୁ ପଳାୟନରୁ ରୋକିବା ପାଇଁ ଉପଯୁକ୍ତ ନୀତି ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଜଷ୍ଟିସ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ ଅଗଷ୍ଟିନ୍ ଜର୍ଜ ମସିହଙ୍କ ଖଣ୍ଡପୀଠରେ ଆଗତ ଏକ ମାମଲାର ଶୁଣାଣି ବେଳେ କୋର୍ଟ ଏହା କହିଛନ୍ତି। ଏକ ଫୌଜଦାରୀ ମାମଲାରେ ଜଡ଼ିତ ଅଭିଯୋଗରେ ଗିରଫ ହୋଇଥିବା ଜଣେ ନାଇଜେରୀୟ ନାଗରିକ ଗତ ୨୦୨୨ ମସିହା ମେ' ମାସରେ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ଦ୍ୱାରା ଜାମିନ ପ୍ରଦାନ ପରେ ନିଜ ଦେଶକ ପଳାୟନ କରିଛନ୍ତି। ସୁପ୍ରିମକୋର୍ଟ ଗତ ଡିସେମ୍ବର ମାସରେ ଜାମିନ ଆଦେଶକୁ ଖାରଜ କରିବା ସହ ଅଭିଯୁକ୍ତଙ୍କୁ ଭାରତ ଫେରାଇ ଆଣି ବିଚାରର ସମ୍ମୁଖୀନ ହେବା ନେଇ ନିଶ୍ଚିତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ପରିସ୍ଥିତି ବାରମ୍ବାର ସୃଷ୍ଟି ହେଉଥିବା ନେଇ କୋର୍ଟ ଚିନ୍ତାପ୍ରକଟ କରିବା ସହ ଭବିଷ୍ୟତରେ ଏହାର ପୁନରାବୃତ୍ତି ନ ଘଟିବା ନେଇ ଉପଯୁକ୍ତ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ମାମଲାରେ ଅତିରିକ୍ତ ସଲିସିଟର ଜେନେରାଲ ରାଜକୁମାର ଭାସ୍କର ଠାକରେ ନାଇଜେରିଆ ସହିତ ଦ୍ୱିପାକ୍ଷିକ ଚୁକ୍ତି ନଥିବାରୁ ସେହି ଅଭିଯୁକ୍ତଙ୍କ ଭାରତ ପ୍ରତ୍ୟାର୍ପଣ ସମ୍ଭବ ହେବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅବଗତ କରାଇଛନ୍ତି।

Desk

# ଓଡ଼ିଶା ନିବାସ-କାଫେ

ନୂଆଦିଲ୍ଲୀସ୍ଥିତ ଓଡ଼ିଶା ନିବାସଠାରେ ଓମ୍‌ଫେଡ୍ କାଫେ ଓ କୋରାପୁଟ କଫି କାଫେକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ । ସନ୍ଧ୍ୟାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଯୋଗଦେବେ ।

HS

# ଯାଜପୁର- ଝାଡ଼ାବାନ୍ତି

ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ତଲୁଆ ଗାଁରେ ଝାଡ଼ାବାନ୍ତି ରୋଗର ପ୍ରାର୍ଦୁଭାବ ଦେଖା ଦେଇଛି। ୧୦ ଜଣ ଏଥିରେ ଆକ୍ରାନ୍ତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି। ସମସ୍ତ ଆକ୍ରାନ୍ତ ସୁସ୍ଥ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି। ତେବେ ଝାଡ଼ାବାନ୍ତି ରୋଗର କାରଣ ଯାଞ୍ଚ କରିବା ପାଇଁ ମେଡିକାଲ କଲେଜର ଏକ ଦଳ ସେଠାକୁ ଗସ୍ତରେ ଯାଇଛନ୍ତି ବୋଲି ଡାକ୍ତର ମିଶ୍ର ସୂଚନା ଦେଇଛନ୍ତି। ଝାଡ଼ାବାନ୍ତି ରୋଗ ନେଇ ତିନିଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ଉନ୍ନୟନମୂଳକ ପ୍ରକଳ୍ପ ସମୀକ୍ଷା

ରାଜ୍ୟର ଜନଜାତି ଅଞ୍ଚଳ ବିକାଶ ପରିପ୍ରେକ୍ଷୀରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର ସ୍ଥିତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଦୁଇଟି ପୃଥକ ପୃଥକ ବୈଠକରେ ସମୀକ୍ଷା କରିଛନ୍ତି । ସମ୍ବିଧାନର ଧାରା ୨୭୫ ଉପଧାରା (୧) ଅନୁଯାୟୀ, ରାଜ୍ୟକୁ ପ୍ରଦାନ କରାଯାଉଥିବା ଅର୍ଥର ବିନିଯୋଗ ପାଇଁ ପ୍ରକଳ୍ପ ଅନୁମୋଦନ ସମ୍ପର୍କିତ ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ଶ୍ରୀମତୀ ଗର୍ଗଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଅନୁଷ୍ଠିତ ହୋଇଥିଲା । ୧୭୮ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ନେଇ କେନ୍ଦ୍ର ସରକାରଙ୍କୁ ସୁପାରିସ ପ୍ରସ୍ତାବ ବୈଠକରେ ଗୃହୀତ ହୋଇଛି ।

ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର ରାଜ୍ୟସ୍ତରୀୟ ଷ୍ଟିଅରିଂ କମିଟି ବୈଠକରେ ମଧ୍ୟ ଶ୍ରୀମତୀ ଗର୍ଗ ଅଧ୍ୟକ୍ଷତା କରିଥିଲେ । କୃଷି ଉତ୍ପାଦନ ବୃଦ୍ଧି, କୃଷିକ୍ଷେତ୍ର ଭିତ୍ତିଭୂମି ବିକାଶ  କ୍ଷୁଦ୍ର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ପ୍ରଦାନ ଆଦି ବିଭିନ୍ନ ପ୍ରସଙ୍ଗ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ୨୨୫ କୋଟି ଟଙ୍କାର ବାର୍ଷିକ ଯୋଜନାକୁ ଏହି ବୈଠକରେ ଅନୁମୋଦନ କରାଯାଇଛି ।

Puri

# ଛତିଶା ନିଯୋଗ ବୈଠକ

ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପୁରୀ ଶ୍ରୀମନ୍ଦିର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ ନେଇ ସବ୍‌କମିଟି ଗଠନ କରାଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି ସୂଚନା ଦେଇଛନ୍ତି । ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ ଗତକାଲି ଅନୁଷ୍ଠିତ ହୋଇଥିଲା । ଧାଡ଼ି ଦର୍ଶନ ପାଇଁ ବୈଠକରେ ବିସ୍ତୃତ ଆଲୋଚନା ହେବା ସହ ପରୀକ୍ଷାମୂଳକ ଭାବେ ଏହାକୁ କାର୍ଯ୍ୟକାରୀ କରିବା ନେଇ ମତ ବିନିମୟ ହୋଇଛି । ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ପାଢ଼ୀ କହିଛନ୍ତି...

**- V/O –**

Dhenkanal

# ଚଢ଼ାଉ

ଢେଙ୍କାନାଳ ଜିଲ୍ଲାରେ ସାର କଳାବଜାରିକୁ ପ୍ରତିହତ କରିବା ଲକ୍ଷ୍ୟରେ ଗତକାଲି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି । ୨ଟି ବ୍ୟବସାୟ ପ୍ରତିଷ୍ଠାନର ଲାଇସେନ୍ସ ରଦ୍ଦ କରାଯିବା ସହ ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି । ଅନ୍ୟ ୮ଟିକୁ କାରଣଦର୍ଶାଅ

ନୋଟିସ୍ ଜାରି କରାଯାଇଛି । ଜିଲ୍ଲା କୃଷି ବିଭାଗ ଓ ସମବାୟ ବିଭାଗ ଦ୍ୱାରା ଗଠିତ ଦଳ ଗଁଦିଆ ଏବଂ କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ ।

Kendrapara

## ଏନ୍ଏସି ମାନ୍ୟତା

ମାର୍ଶାଘାଇକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ପାଇଁ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବାକୁ ନଗର ଉନ୍ନୟନ ବିଭାଗ କହିଛି। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନକୁ ଏ ସଂକ୍ରାନ୍ତ ଚିଠି ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଆବଶ୍ୟକ ମାନଦଣ୍ଡ ଏବଂ ୨୦୧୧ ଜନଗଣନା ଅନୁଯାୟୀ ବିଭିନ୍ନ ବର୍ଗର ମହିଳା ଓ ପୁରୁଷଙ୍କ ସଂଖ୍ୟା ଏଥିରେ ସାମିଲ ହେବାକୁ ଥିବା ରାଜସ୍ୱ ଗ୍ରାମଗୁଡ଼ିକର ସମ୍ପୂର୍ଣ୍ଣ ତଥ୍ୟ ଆଦି ପ୍ରଦାନ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏହାପରେ ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି। ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମାର୍ଶାଘାଇକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିବା ନେଇ ଦାବିପତ୍ର ପ୍ରଦାନ ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

Puri

## ପଦ୍ମା ଏକାଦଶୀ

ଭାଦ୍ରବ ଶୁକ୍ଳ ଏକାଦଶୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ବା ପଦ୍ମା ଏକାଦଶୀ ପାଳନ କରାଯାଉଛି । ଠାକୁରଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହା ଅନ୍ୟତମ । ମହାପ୍ରଭୁଙ୍କ ଚାରିମାସ ଶୟନକାଳରେ ଦୁଇ ମାସରେ ପାର୍ଶ୍ୱ ପରିବର୍ତ୍ତନ କରିଥାନ୍ତି । ଭୋଗ ମଣ୍ଡପ ନୀତି ଶେଷ ହେବାପରେ ଠାକୁରଙ୍କ ମହାସ୍ନାନ କରାଯାଇ ନୂଆ ଲୁଗା ଲାଗି କରାଯାଏ । ଶ୍ରୀଜୀଉଙ୍କର ଅନ୍ୟାନ୍ୟ ନୀତିକାନ୍ତି ସହ ପଦ୍ମା ଏକାଦଶୀ ନୀତି ପାଳିତ ହୋଇଥାଏ ।

Kandhamal

## କଲେଜ ନାମଲେଖା

କନ୍ଧମାଳ ଜିଲ୍ଲା ଫୁଲବାଣୀ ସରକାରୀ ମେଡିକାଲ କଲେଜରେ ଚଳିତ ଶିକ୍ଷା ବର୍ଷ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ କରାଯିବ । କଲେଜର ଡିନ୍ ଡାକ୍ତର ନରେନ୍ଦ୍ର ବେହେରା କହିଛନ୍ତି, ପ୍ରଥମ ପର୍ଯ୍ୟାୟ ନାମଲେଖା ହୋଇସାରିଛି । ଚଳିତ ମାସ ଶେଷ ସୁଦ୍ଧା ନାମଲେଖା ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ମେଡିକାଲ କଲେଜ ସହିତ ତାଳଚେର ପବିତ୍ର ମୋହନ ସରକାରୀ କଲେଜ ପାଇଁ ଜାତୀୟ ମେଡିକାଲ କମିଶନଙ୍କ ପକ୍ଷରୁ ୧୦୦ଟି ଲେଖାଏଁ ଏମ୍.ବି.ବି.ଏସ୍. ସିଟ୍ ଅନୁମୋଦନ କରାଯାଇଛି । କନ୍ଧମାଳ ଜିଲ୍ଲା ଏକ ଦୁର୍ଗମ ଏବଂ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ସେଠାରେ ସ୍ୱାସ୍ଥ୍ୟସେବା ଜନିତ ଆହ୍ୱାନଗୁଡ଼ିକର ଏଣିକି ତ୍ୱରିତ ସମାଧାନ ସମ୍ଭବ ହୋଇପାରିବ ବୋଲି ସ୍ଥାନୀୟ ଜନସାଧାରଣ ଆଶାବ୍ୟକ୍ତ କରିଛନ୍ତି ।

BHK/HS

# ବନ୍ୟା ପରିସ୍ଥିତି

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଥିଲେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ଆକଳନ କରାଯାଇଥିବା ଅଧିକ ବର୍ଷା ହୋଇନାହିଁ ବୋଲି ଶ୍ରୀ ପାଢ଼ି କହିଛନ୍ତି। ଭଦ୍ରକ ଜିଲ୍ଲା ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇଥିଲେ ମଧ୍ୟ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ୧୬ଟି ବ୍ଲକ ମୁଖ୍ୟାଳୟରେ ଗତକାଲି ୫୦ ମିଲିମଟରରୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ୬ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ହୀରାକୁଦ ଜଳଭଣ୍ଡାରରୁ ଜଳ ନିଷ୍କାସିତ ହେଉଛି ବୋଲି ସେ କହିଛନ୍ତି।

MET

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର କ୍ରମଶଃ ଅଧିକ ଘନୀଭୂତ ହୋଇ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ଏବଂ ସଂଲଗ୍ନ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ଼ ଅତିକ୍ରମ କରିବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୧ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ

ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି...

**- V/O –**

Dhenkanal

## ଭସାଣୀ ମହୋତ୍ସବ

ଢେଙ୍କାନାଳ ସହରରେ ଆଜି ଗଣେଶ ଭସାଣ ସମାରୋହ ଅନୁଷ୍ଠିତ ହେଉଛି। ଏଥିରେ ସାମିଲ ହୋଇଥିବା ୩୮ଟି ମେଢ଼ ଆଜି ପୂର୍ବାହ୍ନରୁ ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଛନ୍ତି। ରାତି ୮ଟା ସୁଦ୍ଧା ଭସାଣୀ କାର୍ଯ୍ୟକ୍ରମ ଶେଷ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଭସାଣୀ ସମାରୋହରେ ଡିଜେକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୯ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

***********************************